# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13 May - 2026**

**********************************

## ମୁଖ୍ୟ ସମ୍ବାଦ

- ଇନ୍ଧନ ବ୍ୟବହାର କମାଇବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ବ୍ୟବହୃତ ଯାନବାହନ ସଂଖ୍ୟାକୁ ହ୍ରାସ କଲେ ସରକାର
- ବୈଦ୍ୟୁତିକ ଯାନର ଅଧିକ ବ୍ୟବହାର ପାଇଁ ରାଜ୍ୟବାସୀଙ୍କୁ ପରିବହନ ମନ୍ତ୍ରୀଙ୍କ ନିବେଦନ
- ପ୍ରକାଶ ପାଇଲା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ– ସି.ବି.ଏସ୍.ଇ. ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷା ଫଳ

ଏବଂ

- କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ନେଇ ୨୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Desk

# ପିଏମ୍-କନ୍‌ଭେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଗସ୍ତ ସମୟରେ ସ୍ୱତନ୍ତ୍ର ସୁରକ୍ଷା ଗୋଷ୍ଠୀ-ଏସ୍‌ପିଜି ପ୍ରୋଟୋକଲ୍ ଅଧୀନରେ ସମସ୍ତ ଅତ୍ୟାବଶ୍ୟକ ସୁରକ୍ଷା ବ୍ୟବସ୍ଥାରେ ବ୍ୟବହୃତ ଯାନବାହନ ସଂଖ୍ୟା ହ୍ରାସ କରିଛନ୍ତି । ନିକଟରେ ଗୁଜରାଟ ଏବଂ ଆସାମ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଯାନବାହନ ସଂଖ୍ୟାକୁ ହ୍ରାସ କରାଯାଇଥିଲା । ପଶ୍ଚିମ ଏସିଆ ଯୁଦ୍ଧଜନିତ ପରିସ୍ଥିତି ଯୋଗୁଁ ପେଟ୍ରୋଲିୟମ୍‌ଜାତ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବା ପାଇଁ ୭ ସୂତ୍ରୀ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକ୍ରମରେ ଇଲେକ୍‌ଟ୍ରିକ୍ ଚାଳିତ ଯାନବାହନ ବ୍ୟବହାର କରିବା ଲାଗି ଶ୍ରୀ ମୋଦୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ସୁରକ୍ଷା ବ୍ୟବସ୍ଥାରେ ଯାନବାହାନ ସଂଖ୍ୟା ୫୦ ପ୍ରତିଶତକୁ ହ୍ରାସ କରିଛନ୍ତି ।

Desk

# ଇଭି ବ୍ୟବହାର

ରାଜ୍ୟର ଜନସାଧାରଣଙ୍କୁ ଅଧିକ ବୈଦ୍ୟୁତିକ ଯାନ– ଇଭି'ର ବ୍ୟବହାର ପାଇଁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିବେଦନ କରିଛନ୍ତି। ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ଓ ଶକ୍ତି ସଂକଟର ମୁକାବିଲା ପାଇଁ ମନ୍ତ୍ରୀ ଶ୍ରୀ ଜେନା ନିଜେ ସରକାରୀ ବସ୍‌ରେ ଯାତାୟତ କରିବେ ବୋଲି

ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଇଭି ବ୍ୟବହାର ପାଇଁ ମନ୍ତ୍ରୀ ଶ୍ରୀ ଜେନା ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ବୈଦ୍ୟୁତିକ ଯାନ ଚଳାଚଳକୁ ପ୍ରୋତ୍ସାହନ ଦେବା ଲାଗି ମନ୍ତ୍ରୀ ଶ୍ରୀ ଜେନା' ଇଭି ଉପରେ ଦିଆଯାଉଥିବା ସବ୍‌ସିଡିକୁ ୨୦୨୮ ମସିହା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା କହିଛନ୍ତି। ଜନସାଧାରଣ ଅଧିକରୁ ଅଧିକ ବୈଦ୍ୟୁତିକ ଯାନ କିଣିବା ସହ ପରିବେଶ ଅନୁକୂଳ ବ୍ୟବସ୍ଥାକୁ ମଜଭୁତ କରିବା ଉପରେ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -**

ମନ୍ତ୍ରୀ ଶ୍ରୀ ଜେନା ବ୍ୟକ୍ତିଗତ ଯାନ ବ୍ୟବହାର କରିବା ପରିବର୍ତ୍ତେ 'ଆମ ବସ୍' ପରି ସାଧାରଣ ପରିବହନ ସେବାର ଅଧିକ ଉପଯୋଗ କରିବାକୁ ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଇନ୍ଧନ ବ୍ୟବହାର, ଯାତାୟାତ ଚାପ ଓ ପରିବେଶ ପ୍ରଦୂଷଣ କମାଇବା ପାଇଁ ଗୋଟିଏ କାରରେ ଏକାଧିକ ବ୍ୟକ୍ତି ଗମନାଗମନ କରିବାର ବ୍ୟବସ୍ଥା କାର୍ ପୁଲିଂ ଓ ସମାନ ଢଙ୍ଗରେ ସ୍କୁଟି ପୁଲିଂ ଭଳି ପରିବହନ ସେବା ଆପଣାଇବା ଉପରେ ମନ୍ତ୍ରୀ ଶ୍ରୀ ଜେନା ଗୁରୁତ୍ୱ ଦେଇଛନ୍ତି। ଇନ୍ଧନ ସଞ୍ଚୟ ଓ ସ୍ଥାୟୀ ପରିବହନକୁ ପ୍ରୋତ୍ସହନ ଦେବା ସରକାରଙ୍କ ଦାୟିତ୍ୱ ହୋଇଥିଲେ ମଧ୍ୟ ଜନସାଧାରଣ ପରିବେଶ ସୁରକ୍ଷା ସହ ଶକ୍ତି ସଞ୍ଚୟ ଉଦ୍ୟମକୁ ସୁଦୃଢ଼ କରିବା ପାଇଁ ସାମୂହିକ ଦାୟିତ୍ୱ ନିର୍ବାହ କରିବା ଉପରେ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ସି.ବି.ଆଇ. - ନିଟ୍ କେସ୍

ନିଟ୍ ୟୁଜି -୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାର ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ-ସି.ବି.ଆଇ.ର ଏକ ଦଳ ଆଜି ରାଜସ୍ଥାନର ଜୟପୁରରେ ପହଞ୍ଚିଛି । ରାଜସ୍ଥାନ ପୋଲିସ୍‌ର ଏସ୍.ଓ.ଜି ଦ୍ୱାରା ପ୍ରାୟ ୨୪ ଜଣଙ୍କୁ ଏ ସଂକ୍ରାନ୍ତରେ ପଚରାଉଚରା କରାଯାଇଛି ।

ସି.ବି.ଆଇ. କହିଛି, ପରୀକ୍ଷାରେ ହୋଇଥିବା ଅନିୟମିତତା ଏବଂ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ସମେତ ଏହି ଘଟଣାରେ କୌଣସି ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ପ୍ରମାଣ ନଷ୍ଟ କରିବା ତଥା ସାର୍ବଜନୀନ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ନିବାରଣ ଆଇନ-୨୦୨୪ ଅନୁସାରେ ତଦନ୍ତ କରାଯିବ । ଦେଶବ୍ୟାପୀ ଚଳିତ ମାସ ୩ ତାରିଖରେ ଜାତୀୟ ପରୀକ୍ଷଣ ସଂସ୍ଥା- ଏନ୍.ଟି.ଏ. ପକ୍ଷରୁ ନିଟ୍ ୟୁଜି-୨୦୨୬ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଥିରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ ।

Desk

## ସିବିଏସ୍‌ଇ ରେଜଲ୍ଟ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ- ସି.ବି.ଏସ୍.ଇ. ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦ୍ୱାଦଶ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ଏଥିରେ ୮୫ ଦଶମିକ ୨/୦ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । results.cbse.nic.in ରେ ପରୀକ୍ଷା ଫଳ ଉପଲବ୍ଧ ହେଉଛି । ଛାତ୍ରଛାତ୍ରୀମାନେ ଡିଜିଲକର ଓ ଉମଙ୍ଗ ଆପ୍ ଜରିଆରେ ମଧ୍ୟ ପରୀକ୍ଷା ଫଳ ଜାଣିପାରିବେ । ଫେବୃଆରୀ ୧୭ ତାରିଖରୁ ଏପ୍ରିଲ ୧୦ ତାରିଖ

ମଧ୍ୟରେ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ– ସି.ଏଚ୍.ଏସ୍.ଇ. ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତା ସପ୍ତାହରେ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପରୀକ୍ଷାଫଳ ପ୍ରକାଶ ପାଇବ ।

Desk

## ପୂର୍ବତନ ବିଧାୟକଙ୍କ ପରଲୋକ

ବଲାଙ୍ଗୀର କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାନ୍‌ଙ୍କ ଆଜି ୭୮ ବର୍ଷ ବୟସରେ ପରଲୋକ ହୋଇଛନ୍ତି । କାଉନସିଲରରୁ ରାଜନୀତି ଆରମ୍ଭ କରିଥିବା ସ୍ୱର୍ଗତଃ ଖାନ୍ କଣ୍ଟାବାଞ୍ଜି ଏନ୍.ଏ.ସି. ଚେୟାରମ୍ୟାନ୍ ପରେ ଦୁଇଥର ବିଧାୟକଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ପରଲୋକରେ ବିଭିନ୍ନ ମହଲରୁ ଶୋକାର ପ୍ରକାଶ ପାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ପ୍ରମୁଖ ସ୍ୱର୍ଗତଃ ଖାନ୍‌ଙ୍କ ପରଲୋକରେ ଦୁଃଖପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

Kendrapara

## ଗ୍ରୀଷ୍ମକାଳୀନ କ୍ରୀଡ଼ା

ରାଜ୍ୟ ସରକାରଙ୍କ କ୍ରୀଡ଼ ଓ ଯୁବସେବା ବିଭାଗ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସମାଗୁଡ଼ିଆସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଗ୍ରୀଷ୍ମକାଳୀନ ଭାରୋତ୍ତଳନ ଶିବିର ଆରମ୍ଭ ହୋଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୮ରୁ ୧୫ ବର୍ଷ ବୟସର ୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ଶିବିର ଆସନ୍ତା ଏକ ମାସ ଧରି ପ୍ରତ୍ୟେହ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଏଥିରେ କ୍ରୀଡ଼ାବିତ୍‌ଙ୍କୁ ଭାରୋତ୍ତଳନର ପ୍ରାଥମିକ କୌଶଳ, ଶାରୀରିକ ସୁସ୍ଥତା ଓ ନିୟମିତ ଅଭ୍ୟାସ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ କ୍ରୀଡ଼ା କ୍ଷେତ୍ରରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିବା ସହ ନିୟମିତ ପ୍ରଶିକ୍ଷଣ ମାଧ୍ୟମରେ ଭବିଷ୍ୟତରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ଅର୍ଜନ ପାଇଁ ପ୍ରେରଣା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସହ ଅନ୍ୟାନ୍ୟ କ୍ରୀଡ଼ା ପ୍ରଶିକ୍ଷକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।

Desk

## କବି ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି

ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତାର ପ୍ରବର୍ତ୍ତକ, ବିଶିଷ୍ଟ କବି ତଥା ଜ୍ଞାନପୀଠ ପୁରସ୍କାର ବିଜେତା ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ତାଙ୍କର କାଳଜୟୀ ସୃଷ୍ଟି ବାଜି ରାଉତ, ପଲ୍ଲିଶ୍ରୀ ଓ ଛୋଟ ମୋର ଗାଁଟି ଆଜି ବି ପ୍ରତିଟି ଓଡ଼ିଆଙ୍କ

ପ୍ରାଣରେ ସ୍ୱଦେଶ ପ୍ରେମ ଓ ମାଟିର ମମତା ଭରିଦିଏ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଅତୁଳନୀୟ ଅବଦାନ ଚିରସ୍ମରଣୀୟ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶିଷ୍ଟ ସାହିତ୍ୟିକ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କ କାଳଜୟୀ ରଚନା ଓଡ଼ିଆ ଜାତିର ସାଂସ୍କୃତିକ ଚେତନାକୁ ଋଦ୍ଧିମନ୍ତ କରିବା ସହିତ ଭାଷା ଓ ସାହିତ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ମହାନ୍ ବିପ୍ଳବୀ କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

News Pool

## ମାଇଁ ଭାରତ ପ୍ଲାଟଫର୍ମ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହିତ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ **‘ମାଇଁ ଭାରତ’** ପ୍ଲାଟଫର୍ମରେ ବିକଶିତ ଗ୍ରାମ-୨୦୨୬ ଅଧୀନରେ ଜାତୀୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜନ କରୁଛି। ପ୍ରଥମ ପର୍ଯ୍ୟାୟରେ ଯୁବଗୋଷ୍ଠୀଙ୍କୁ ସୀମାନ୍ତ ଗ୍ରାମ କାର୍ଯ୍ୟକ୍ରମରେ ନିୟୋଜିତ କରିବା ପାଇଁ ସ୍ଥିର କରାଯାଇଛି। ଦେଶବ୍ୟାପୀ କୁଇଜ୍ ପ୍ରତିଯୋଗିତା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ **ମାଇଁ ଭାରତ** ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ସୀମାନ୍ତ ଗ୍ରାମଗୁଡ଼ିକର ପରିବର୍ତ୍ତନ, ସ୍ଥାନୀୟ

ସଂସ୍କୃତି, ପରିବେଶ ସଚେତନତା ଏବଂ ଅଞ୍ଚଳଗୁଡ଼ିକର ସୁଦୃଢ଼ୀକରଣ କରାଯିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି ।

Keonjhar

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା

ଆସନ୍ତା ମୌସୁମୀକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ମୌସୁମୀ ସମୟରେ ସମ୍ଭାବ୍ୟ ବନ୍ୟା ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି । ଏଥିରେ ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା ତଥା ତେଲକୋଇ ବିଧାୟକ ଫକୀର ମୋହନ ନାୟକ, ଆରକ୍ଷୀ ଅଧୀକ୍ଷକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

Desk

## ରାଷ୍ଟ୍ରୀୟ ବାଲ୍ ପୁରସ୍କାର

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି । ପ୍ରତ୍ୟେକ ବର୍ଷ ୬ଟି ବର୍ଗରେ ସାହସିକତା, ସମାଜସେବା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ୫ ବର୍ଷରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ଏଥିପାଇଁ ଆସନ୍ତା ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଜାରି ରହିବ । ବିଭିନ୍ନ କ୍ଷେତ୍ରରେ ଦେଶର ଯୁବପିଢ଼ିଙ୍କ ସଫଳତାକୁ ପାଳନ କରିବା, ବାସ୍ତବ ଜୀବନର

ଆଦର୍ଶ ପ୍ରଦର୍ଶନ କରି ଦେଶବ୍ୟାପୀ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବା ଓ ପିଲାମାନଙ୍କର ସାମଗ୍ରୀକ ବିକାଶ ପାଇଁ ପ୍ରତିବର୍ଷ ଏହି ପୁରସ୍କାର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ।

Desk

# ଆଇଏମ୍‌ଡି-ମନ୍‌ସୁନ୍

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, କାଳବୈଶାଖୀଜନିତ ବର୍ଷା ଯୋଗୁଁ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ୨୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଚଳିତ ସପ୍ତାହରେ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଚଳିତ ସପ୍ତାହ ଶେଷଆଡ଼କୁ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଅଗ୍ରସର ହେବ ବୋଲି ଜଣାପଡ଼ିଛି ।